## ଆଜି କ'ଣ କେଉଁଠି

ବାଲେଶ୍ୱର
- ବିଶ୍ୱ ପରିବେଶ ଦିବସ, ଏଡିଆର୍ ସେଣ୍ଟର ବିଲ୍ଡିଂ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା ୩୦ ମିନିଟ୍
- ରକ୍ତଦାନ ଶିବିର, ଜିଲା ମୁଖ୍ୟଚିକିତ୍ସାଳୟ ରକ୍ତଭଣ୍ଡାର ପରିସର, ପୂର୍ବାହ୍ନ ୯ଟା।
- -କାବ୍ୟକାନ୍ତି' ପୁସ୍ତକ ଉନ୍ମୋଚନ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ୟୁନିଅନ୍ କନ୍‌ଫରେନ୍ସ ହଲ୍, ସନ୍ଧ୍ୟା ୬ଟା ।

ଭଦ୍ରକ
- ଚରମ୍ପା ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ, ଚରମ୍ପା ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୪ ଘଟିକା

# ନଈ ପାଖ ଗାଁରେ ପିଇବା ପାଣି ଚିନ୍ତା

- ୧୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୪ ନଳକୂପ
- ଉପୁଜୁଛି ଅପ୍ରୀତିକର ପରିସ୍ଥିତି

ବାଲେଶ୍ୱର ଅଫିସ, ୪।୬

ଚଳିତବର୍ଷ ଗ୍ରୀଷ୍ମ ପ୍ରକୋପ ଦିନକୁ ଦିନକୁ ବଢ଼ି ବଢ଼ି ଚାଲିଥିବା ବେଳେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବାଲେଶ୍ୱର ସହରଠାରୁ ମାତ୍ର ୧୫ କି.ମି. ଦୂର ବୁଢ଼ାବଳଙ୍ଗ ନଦୀକୂଳରେ ଥିବା ଗୋପୀନାଥପୁର ପଞ୍ଚାୟତର ନୂଆପୋଖରୀ, ନୁଣାସାହି, ଆଦିବାସୀ ସାହି ଓ ନଳକୁଲି ଗ୍ରାମର ୧୨ଶହରୁ ଊର୍ଦ୍ଧ୍ୱ ଲୋକ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ଏତେସଂଖ୍ୟକ ଲୋକଙ୍କ ପାଇଁ ୪ଟି ନଳକୂପ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ଅଧିକାଂଶ ସମୟରେ ନଳକୂପ ମଧ୍ୟ ଅଚଳ ରହୁଛି। ଅଳ୍ପଦୂରରେ ନଦୀ ଥିଲେ ମଧ୍ୟ ନଦୀବନ୍ଧରେ କୌଣସି ଘାଟ ନ ଥିବାରୁ ସେଠାରୁ ପାଣି ଆଣିବା ସମ୍ଭବ ହେଉନାହିଁ। ଏପରି କି ସମୁଦ୍ର ସହିତ ଏଠାରେ ବୁଢ଼ାବଳଙ୍ଗ ନଦୀର ମିଳନ କେନ୍ଦ୍ର ହୋଇଥିବାରୁ ନଦୀ ଜଳ ଲୁଣି ରହିଥାଏ। ଲୋକମାନେ ସବୁ କାର୍ଯ୍ୟ ପାଇଁ ଏହି ନଳକୂପ ଉପରେ ନିର୍ଭର କରିଥାନ୍ତି।

ଗୋଟିଏ ଗ୍ରାମରେ ନଳକୂପ ଖରାପ ହେଲେ ପାଣି ପାଇଁ ଲୋକଙ୍କୁ ୨ କି.ମି. ଦୂର ଅନ୍ୟ ଗ୍ରାମକୁ ଯିବାକୁ ପଡ଼ିଥାଏ। ସେଠାରେ ସ୍ଥାନୀୟ ଲୋକମାନେ ପ୍ରଥମେ ବ୍ୟବହାର କରିସାରିବା ପରେ ପଡ଼ୋଶୀ ଗ୍ରାମ ବାସିନ୍ଦାଙ୍କ ପାଳି ପଡ଼ିଥାଏ। ଏପରି ବହୁତ କଷ୍ଟେମଷ୍ଟେ ଚଳିବାକୁ ପଡ଼େ ୪ଖଣ୍ଡ ଗ୍ରାମର ବାସିନ୍ଦାଙ୍କୁ। ଏହି ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ ସୁବିଧା ହୋଇପାରିନାହିଁ। ବାରମ୍ବାର ପାନୀୟ ଜଳ ଅସୁବିଧା ସମ୍ପର୍କରେ ଜିଲା ପ୍ରଶାସନ ତଥା ବିଡିଓଙ୍କୁ ଜଣାଇବା ପରେ ମଧ୍ୟ କିଛି ବି ସୁଫଳ ମିଳୁନି। ଉକ୍ତ ଗ୍ରାମକୁ ଦୁଇଫେଜ୍ ବିଶିଷ୍ଟ ବିଦ୍ୟୁତ୍ ଯୋଗାଣ ହୋଇଥିବାରୁ ବ୍ୟକ୍ତିଗତ ଭାବେ ବୋରିଂ ବ୍ୟବସ୍ଥା ମଧ୍ୟ କରିବାରେ ସୁଯୋଗ ନାହିଁ। କାଁ ଭାଁ ଥିବା ପୋଖରୀର ଅବସ୍ଥା ସଙ୍କଟାପନ୍ନ। ପୁନରୁଦ୍ଧାର କରିବା ପାଇଁ ପଞ୍ଚାୟତ ମଧ୍ୟ ଚେଷ୍ଟା କରୁନାହିଁ। ପାଣି ପାଇଁ ନଳକୂପ ମୂଳରେ ନିତିଦିନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ପୂର୍ବତନ ସରପଞ୍ଚ ବୃନ୍ଦାବନ ରାଉତ କହିଛନ୍ତି ଯେ, ପଞ୍ଚାୟତରେ କାଁ ଭାଁ ଗୋଟିଏ ଦୁଇଟି ପୋଖରୀ ଅଛି। ତାହା ବ୍ୟବହାରଯୋଗ୍ୟ ନୁହେଁ। ନଳକୂପ ଉପରେ ଭରସା କରି ଅଞ୍ଚଳବାସୀ ବର୍ଷଯାକ ଚଳିଥାନ୍ତି। ଅନ୍ୟ ପଞ୍ଚାୟତରେ ପଞ୍ଚାୟତ ପାନୀୟଜଳ ପ୍ରକଳ୍ପ ଦ୍ୱାରା ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଏଠାରେ ପ୍ରଶାସନର ଉଦାସୀନତା କାରଣରୁ ଲୋକମାନେ ପାନୀୟ ଜଳ ପାଇଁ କଷ୍ଟ ଭୋଗୁଛନ୍ତି।

ନଳକୁଲି ଗ୍ରାମବାସୀ ଜ୍ୟୋସ୍ନା ସାହୁ କହିଛନ୍ତି, ଗୋଟିଏ ନଳକୂପ ଉପରେ ଦୈନନ୍ଦିନ କାମଠାରୁ ବିବାହ ଉତ୍ସବ ଆଦି ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡିଥାଏ। ନଳକୂପକୁ ଅଧିକ ବ୍ୟବହାର କଲେ ପାଣି ସହ ବାଲି ବାହାରିଥାଏ। କିଛି ସମୟ ଅପେକ୍ଷା ପରେ ପୁଣି ସ୍ୱାଭାବିକ ପାଣି ବାହାରିଥାଏ। ନଳକୂପ ନିକଟରେ ବହୁତ ଭିଡ଼ ହେଉଥିବାରୁ ଠିକ୍ ସମୟରେ ପାଣି ନେବା ସମ୍ଭବ ହେଉନାହିଁ। ନଳକୁଲି ଗ୍ରାମବାସୀ ମିନତି ପ୍ରଧାନ କହନ୍ତି, ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଦୀର୍ଘଦିନ ଧରି ସରପଞ୍ଚ, ବିଡିଓ ଏବଂ ଜିଲାପାଳଙ୍କୁ ଲିଖିତ ଜଣାଇ ଆସୁଛୁ। ଏଯାଏ କୌଣସି ସମାଧାନ ହୋଇପାରିନାହିଁ। ଏହାର ସମାଧାନ ତୁରନ୍ତ ଆବଶ୍ୟକ ରହିଛି। ନ ହେଲେ ଅସନ୍ତୋଷ ଦିନେ ଆନ୍ଦୋଳନର ରୂପ ନେବ।

ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଏସଡିଓ ସମୀର ଦେ କହନ୍ତି, ଗୋପୀନାଥପୁର ପଞ୍ଚାୟତ ପାଇଁ ପୂର୍ବରୁ ଗୋଟିଏ ବସୁଧା ଯୋଜନାରେ ପାନୀୟଜଳ ପ୍ରକଳ୍ପ ହୋଇଥିଲା। କିନ୍ତୁ ତାହା ପଞ୍ଚାୟତର ସମସ୍ତ ଗ୍ରାମକୁ ଯୋଗାଇବା ସମ୍ଭବ ହୋଇପାରୁନାହିଁ। ନୂଆପୋଖରୀ, ନୁଣାସାହି, ଆଦିବାସୀସାହି, ନଳକୁଲି ଅଞ୍ଚଳ ପାଇଁ ଉକ୍ତ ଯୋଜନାରେ ଆଉ ଗୋଟିଏ ପାନୀୟଜଳ ପ୍ରକଳ୍ପ ଅନୁମୋଦନ ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ନିର୍ବାଚନର ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ କାର୍ଯ୍ୟ ସ୍ଥଗିତ ରହିଥିଲା। ବହୁଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।


ନଳକୁଲି ଗ୍ରାମରେ ପାନୀୟଜଳ ପାଇଁ ମହିଳାଙ୍କ ଲମ୍ଫାଧାଡ଼ି।

## ଡାକ୍ତର ହେବାକୁ ଚିନ୍ମୟୀଙ୍କ ଲକ୍ଷ୍ୟ



ସିମୁଳିଆ, ୪।୬(ଡି.ଏନ.ଏ.): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଚିନ୍ମୟୀ ନନ୍ଦ ମୋଟ ୬୦୦ ମାର୍କରୁ ୫୧୨ ନମ୍ବର ରଖି ସିମୁଳିଆ ବ୍ଲକରେ ପ୍ରଥମ ହୋଇଛନ୍ତି। ତାଙ୍କ ଘର ସିମୁଳିଆ ବ୍ଲକ ଅନ୍ତର୍ଗତ ମାର୍କୋଣା ଅଞ୍ଚଳରେ। ମା' ପୁଷ୍ପଲତା ସେନାପତି ଜଣେ ଅଧ୍ୟାପିକା ହୋଇଥିବା ବେଳେ ବାପା ସତ୍ୟନାରାୟଣ ନନ୍ଦ ଘରୋଇ ଟ୍ୟୁଶନ କରନ୍ତି। ସେ ଝାଡ଼େଶ୍ୱର ନାମକ ଘରୋଇ କଲେଜରେ ପଢୁଥିଲେ। ଦୈନନ୍ଦିନ ୯ ଘଣ୍ଟା ପରିଶ୍ରମ କରୁଥିବା ଚିନ୍ମୟୀ ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଆଶା ରଖିଛନ୍ତି। ସଫଳତାର ଶ୍ରେୟ ମା'ବାପାଙ୍କ ସମେତ କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ପ୍ରଦାନ କରିଛନ୍ତି। ଶିକ୍ଷା ସହିତ ଗୀତ ଗାଇବା ଓ ଶୁଣିବାକୁ ଭଲ ପାଆନ୍ତି।

## ତାଲା ଭାଙ୍ଗି ଲୁଟି ନେଲେ ଟଙ୍କା, ସୁନା ଅଳଙ୍କାର

ରେମୁଣା, ୪।୬(ଡି.ଏନ.ଏ.): ରେମୁଣା ବ୍ଲକ ଅନ୍ତର୍ଗତ ଦୁର୍ଗାଦେବୀ ପଞ୍ଚାୟତ ରାଉତରାୟପୁର ଗ୍ରାମର କାଶୀନାଥ ବେହେରାଙ୍କ ଘର ଗ୍ରୀଲ୍ ଭାଙ୍ଗି ସୋମବାର ରାତିରେ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ଏହାସହ ଉପର ତାଲାରେ ଭଡ଼ା ନେଇ ରହୁଥିବା କୃପାସିନ୍ଧୁ ସାନ୍ତରା ସାବିତ୍ରୀ ଅମାବାସ୍ୟା ପାଳନ ପାଇଁ ଘରକୁ ଯାଇଥିବାବେଳେ ତାଙ୍କ ଘରୁ ମଧ ତାଲା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘର ମାଲିକ ଅନୁପସ୍ଥିତିରେ କୃପାସିନ୍ଧୁ ରେମୁଣା ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ରେମୁଣା ଥାନାଧିକାରୀ ଓ ଦୁର୍ଗାଦେବୀ ଫାଣ୍ଡି ଅଧିକାରୀ ଏକ ମାମଲା (ନଂ.୭୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଦୁର୍ବୃତ୍ତଙ୍କୁ ଗିରଫ କରାଯାଇନାହିଁ।

## ୪ ଚୋରା ମଦ ବେପାରୀ ଗିରଫ

ନୀଳଗିରି, ୪।୬(ଡି.ଏନ.ଏ.): ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଉପଖଣ୍ଡସ୍ଥ ଔପଦା ଥାନାର ବିଭିନ୍ନ ଗାଁରେ ଚଢ଼ାଉ କରାଯାଇ ୪ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୪୫ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୩୩/୧୯, ୩୪/୧୯, ୩୫/୧୯ ଓ ୩୬/୧୯) ରୁଜୁ କରାଯାଇ ଗିରଫ ବେପାରୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ କନ୍ଦିପୁର ଗାଁର କ୍ଷୀରୋଦ କୁମାର ବେହେରା (୩୨), କରୁଣାକର ବେହେରା (୫୦), ଶ୍ୟାମସୁନ୍ଦର ବେହେରା, କମାରପାଳ ଗାଁର କମଳିନୀ ବେହେରା (୫୦)। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଡେପୁଟି ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରା, ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।


ସଦର ବ୍ଲକରେ ବିଧାୟକ ମଦନମୋହନ ଦତ୍ତ ଓ ଅନ୍ୟ ଅଧିକାରୀମାନେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# କାର୍ଯ୍ୟାଦେଶ ବଣ୍ଟନ ପରେ ବି ଆରମ୍ଭ ହୋଇନି କାମ

### ଅସନ୍ତୋଷ ପ୍ରକାଶ କଲେ ବିଧାୟକ

ବାଲେଶ୍ୱର ଅଫିସ,୪।୬

ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ମଙ୍ଗଳବାର ସଦର ବ୍ଲକକୁ ସୌଜନ୍ୟମୂଳକ ଭାବରେ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଗରିବ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ବିଧାୟକ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ।

ପ୍ରଥମେ ସଦର ବିଡିଓ ଶଙ୍କର୍ଷଣ ବେହେରା ନବନିର୍ବାଚିତ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହାପରେ ସେ ସୌଜନ୍ୟତା ଦୃଷ୍ଟିକୋଣରୁ ବ୍ଲକରେ କାମ କରୁଥିବା ସରକାରୀ ଅଧିକାରୀମାନଙ୍କ ସହ ବିଧାୟକଙ୍କୁ ପରିଚୟ କରାଇଥିଲେ। ଏହାପରେ ବିଧାୟକ ବ୍ଲକ ଉନ୍ନୟନ ପାଣ୍ଠି, ଭତ୍ତା, ତିତ୍‌ଲି ପାଣ୍ଠିର କାର୍ଯ୍ୟ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ଉପରେ ତଦାରଖ କରିଥିଲେ। ଅଧିକାଂଶ ବିଭାଗର କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି। ବିଭିନ୍ନ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଅଧିକାଂଶ ମୃତ ହିତାଧିକାରୀଙ୍କ ନାମରେ ଭତ୍ତା ବଣ୍ଟନ କରାଯାଇଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ନିଷ୍ଠାର କାମ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାନସଭା ସରିବା ପରେ ଆଉଥରେ ବ୍ୟବସ୍ଥିତ ଢଙ୍ଗରେ ଜିଲାପାଳଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରାଯିବ ବୋଲି ବିଧାୟକ ଦତ୍ତ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଭାଜପା ସଭାପତି ତଥା ସମିତିସଭ୍ୟ ରବିନାରାୟଣ ବେହେରା, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଜିଲାପରିଷଦ ସଭ୍ୟ କୁନୁ ପଣ୍ଡାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

## ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ବସ୍ତା,୪।୬(ସ୍ୱ.ପ୍ର.)

ଦକ୍ଷିଣପୂର୍ବ ରେଳବାଇର ନୂଆଗାଁ ମୟୂରଭଞ୍ଜ ରୋଡ଼ ରେଳଷ୍ଟେଶନ ନିକଟରେ ରେଳଧାରଣା ପାର୍ଶ୍ୱରୁ ଜଣେ ଅଜଣା ଯୁବକଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ସକାଳେ ଉକ୍ତ ଯୁବକ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ବସ୍ତା ଦମକଳବାହିନୀ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ସଠିକ୍ ପରିଚୟ ମିଳିପାରି ନ ଥିବାବେଳେ ଡାକ୍ତରଖାନାରୁ ମିଳିଥିବା ତଥ୍ୟ ଅନୁଯାୟୀ ତାଙ୍କ ଘର ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ କେଉଁ ଟ୍ରେନ୍‌ରୁ ଖସିପଡ଼ିଛନ୍ତି ତାହା ଜଣାପଡ଼ିନାହିଁ।

## ଗୁରୁବାରୀ ସିଂହଙ୍କ ପରଲୋକ

ରୂପ୍‌ସା, ୪।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଲକ୍ଷ୍ମଣପଡ଼ା ଗ୍ରାମର ଧର୍ମପରାୟଣା ମହିଳା ଗୁରୁବାରୀ ସିଂହ (୯୦)ଙ୍କର ରବିବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସେଲ୍‌ଫି କର୍ଣ୍ଣର


ଅତିଶ


ସଞ୍ଜୀବ


ଲକ୍ଷ୍ମୀକାନ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ବ୍ୟବସାୟୀଙ୍କ ଆତ୍ମହତ୍ୟା

ବାଲେଶ୍ୱର ଅଫିସ, ୪।୬

ବାଲେଶ୍ୱର ଟାଉନ ଥାନା ଅଧୀନ ଆଜିମାବାଦରେ ଦୀର୍ଘଦିନ ଧରି ହୋଲେସେଲ୍ ଦୋକାନ କରିଥିବା ପ୍ରଦୀପ ତ୍ରିପାଠୀ (୪୮) ମଙ୍ଗଳବାର ନିଜ ଦୋକାନ ଘର ଭିତରେ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଖନ୍ତାପଡ଼ା ଥାନା ତୁଣ୍ଡ୍ରା ଗ୍ରାମରେ। ସେ ଦୀର୍ଘଦିନ ହେଲା ଆଜିମାବାଦରେ ବିସ୍କୁଟ, ପାନମସଲା, ମିକ୍ସର ଭଳି କେତେକ ସାମଗ୍ରୀର ହୋଲସେଲ୍ ଦୋକାନ କରିଥିଲେ। ସେ ମାନସିଂବଜାରରେ ଘରଭଡ଼ା ନେଇ ରହୁଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସମୟନୁସାରେ ଆର୍ଥିକ ଅବସ୍ଥା ମଧ୍ୟ ବିଗିଡ଼ିଥିଲା। ଲୋକମାନଙ୍କଠାରୁ ଋଣ ହେବା ସହ ବିଭିନ୍ନ ବ୍ୟାଙ୍କ ଏବଂ ବ୍ୟବସାୟୀଙ୍କଠାରୁ ମଧ୍ୟ ଋଣଗ୍ରସ୍ତ ହୋଇପଡ଼ିଥିଲେ। ମାନସିକ ଚାପରେ ଏଭଳି କାଣ୍ଡ ଘଟାଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏ ସମ୍ପର୍କରେ ତାଙ୍କ ଭାଇ ପ୍ରମୋଦ କୁମାର ତ୍ରିପାଠୀ ଟାଉନ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮୦/୧୯) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ବିମଳ କୁମାର କର ପ୍ରକାଶ କରିଛନ୍ତି।

## ମାଙ୍କଡ ଆକ୍ରମଣରେ ଶିଶୁ କନ୍ୟା ଗୁରୁତର

ସୋର, ୪।୬(ଡି.ଏନ.ଏ.)

ସୋର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଏବେ ମାଙ୍କଡ଼ଙ୍କ ଦୌରାମ୍ୟ ଓ ଆକ୍ରମଣରେ ଲୋକେ ଲହୁଲୁହାଣ ହେଉଛନ୍ତି। ଅଭିଯୋଗ ହେଲେ କାଁ ଭାଁ କେଉଁଠି କେମିତି ବନବିଭାଗ ପକ୍ଷରୁ ମାଙ୍କିଡ଼ିଆଙ୍କୁ ନେଇ ମାଙ୍କଡ଼ ଧରା ଅଭିଯାନ ହେଉଛି।

ମଙ୍ଗଳବାର ଅପରାହ୍ନରେ ପାଖର ପଞ୍ଚାୟତ ଅର୍ନ୍ତଗତ ଦୁର୍ଗାପୁର ଗ୍ରାମର ଦିଲୀପ କୁମାର ବାରିକଙ୍କ ୪ବର୍ଷର ଝିଅ ରମ୍ୟା ରୋଜାଲିନ୍ ଟ୍ୟୁଶନ ହେବାକୁ ଯାଉଥିବା ବେଳେ ଏକ ମାଙ୍କଡ଼ ପଲରେ ଥିବା ଅଣ୍ଡିରା ମାଙ୍କଡ ତାଙ୍କୁ କାମୁଡି ରକ୍ତାକ୍ତ କରିଛି। ଗୁରୁତର ଅବସ୍ଥାରେ ଶିଶୁକୁ ସୋର ଡାକ୍ତରଖାନାକୁ ଆଣିବା ପରେ ସେ ଏବେ ଚିକିତ୍ସାଧୀନ ଅଛି। ମାଙ୍କଡ଼ଙ୍କ ଦୌରାମ୍ୟରୁ ରକ୍ଷା ପାଇବାକୁ ବନ ବିଭାଗ ନିକଟରେ ଜନସାଧାରଣ ଦାବି କରିଛନ୍ତି।

## ଖନ୍ତାପଡ଼ା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଉଦ୍ୟମ ବିଫଳ

### ଭଙ୍ଗା ଚାବି, ଶାବଳ ଜବତ

ବାହାନଗା, ୪।୬(ଡି.ଏନ.ଏ.)

ବାହାନଗା ବ୍ଲକ ଖନ୍ତାପଡା ବଜାରରେ ଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କରୁ ସୋମବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଚୋରି ଉଦ୍ୟମ କରୁଥିବା ବଳେ ପୋଲିସ ଭ୍ୟାନ ଦେଖି ଦୌଡି ପଳାଇଥିଲେ। ପୋଲିସ ବ୍ୟାଙ୍କ ନିକଟକୁ ଆସି ଭଙ୍ଗାଯାଇଥିବା ଦୁଇଟି ତାଲା ଓ ଏକ ଶାବଳ ପଡିଥିବା ଦେଖି ଜବତ କରିଥଲା। ଏହାପରେ ପୋଲିସ ପକ୍ଷରୁ ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ୍ୱର ପ୍ରଧାନଙ୍କୁ ଖବର ଦିଆଯାଇଥିଲା। ମଙ୍ଗଳବାର ବ୍ୟାଙ୍କ ପରିଚାଳକ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୨୨/୧୯) ରୁଜୁ କରାଯାଇଛି। ପୋଲିସ ଏପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ଟେର ପାଇପାରିନାହିଁ। ସେହି ଗ୍ରାମ୍ୟ ବ୍ୟାଙ୍କରୁ ବାରମ୍ବାର ଚୋରି ଉଦ୍ୟମ କରାଯାଉଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ସେହି ବ୍ୟାଙ୍କର ପଛପଟ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରି ବିଫଳ ହୋଇଥିଲେ। ସେତେବେଳେ ମଧ୍ୟ ପୋଲିସ ଏକ ମାମଲା ରୁଜୁ କରି ଚୁପ୍ ବସିଥିଲା।



ଦୁର୍ବୃତ୍ତମାନେ ଗ୍ରୀଲ ତାଲା ଭାଙ୍ଗିଦେବା ପରେ ଖୋଲା ପଡ଼ିଛି।

# 'ସୁସ୍ଥ ପରିବେଶ ଲାଗି ସଚେତନତା ଲୋଡ଼ା'

**ବିଶ୍ୱ ପରିବେଶ ଦିବସ ଆଜି**

ବାଞ୍ଛାନିଧି ଦେ
ରୂପ୍‌ସା, ୪।୬

ପ୍ରଦୂଷଣମୁକ୍ତ ପରିବେଶ ପାଇଁ ଏବେ ସମସ୍ତେ ଚିନ୍ତିତ। ଜଳବାୟୁର ପରିବର୍ତ୍ତନ ପରିବେଶବିତ୍‌ମାନଙ୍କୁ ଆନ୍ଦୋଳିତ କରୁଛି। ବ୍ୟାପକ ଜଙ୍ଗଲନଷ୍ଟ, ମାତ୍ରାଧିକ ସଂଖ୍ୟାରେ ଗାଡ଼ି ଚଳାଚଳ, ଅବାଧ ଗଛକଟା, କୋଠାବାଡ଼ି ଓ କଂକ୍ରିଟ୍ ରାସ୍ତା ନିର୍ମାଣ ଶୀତଳ ପରିବେଶକୁ ଉତ୍ତପ୍ତ କରିଦେଉଛି। ଫଳରେ ତାପମାତ୍ରା ବୃଦ୍ଧି ପାଉଛି। ଏହାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଯୋଜନା କରାଯାଉଛି। ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ବ୍ୟକ୍ତିବିଶେଷ ମଧ୍ୟ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଜାତୀୟ ସେବା ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଙ୍କୋ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର କେତେଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ମତାମତ ନିଆଯାଇଥିଲା। ସେମାନେ କହିଥିଲେ ଯେ, ପରିବେଶ ସୁସ୍ଥ ହେଲେ ଜୀବନ ସରସ ହୋଇପାରିବ। ଏଥିପାଇଁ ସବୁସ୍ତରରେ ସଚେତନତା ଲୋଡ଼ା।



"ଅବାଧ ଗଛକଟା ବନ୍ଦ କରିବା ଦିଗରେ ସରକାର ଦୃଷ୍ଟି ଦେବା ଉଚିତ। ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତେ ଧ୍ୟାନ ଦେବା ଉଚିତ। ବ୍ୟାପକ ପରିମାଣରେ ବୃକ୍ଷରୋପଣ କରାଗଲେ ପରିବେଶ ପ୍ରଦୂଷଣକୁ ରୋକି ହେବ।

**- ବିଭୁ କଲ୍ୟାଣୀ ସାମଲ, ଯୁକ୍ତ ୨ ଦ୍ୱିତୀୟବର୍ଷ, କଳାଛାତ୍ରୀ।**



"ଏନ୍‌ଏସ୍‌ଏସ୍ କ୍ୟାମ୍ପ ମାଧ୍ୟମରେ ସୁସ୍ଥ ପରିବେଶ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଶିବିରାର୍ଥୀମାନେ ଗାଁ ଗାଁ ବୁଲି ବିଭିନ୍ନ ସ୍ଲୋଗାନ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ପ୍ରଦୂଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଉଛନ୍ତି।

**- ଶିବଦର୍ଶିନୀ ଖଟୁଆ, ଯୁକ୍ତ ୨ ପ୍ରଥମବର୍ଷ, ବିଜ୍ଞାନ ଛାତ୍ରୀ।**



"ଗ୍ରାମାଞ୍ଚଳରେ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା, ଚେରମୂଳି ରହିଛି। ଆବଶ୍ୟକ ସଂରକ୍ଷଣ ଅଭାବରୁ ଏସବୁ ନଷ୍ଟ ହୋଇଯାଉଛି। ନଷ୍ଟ ହେଉଥିବା ଜଙ୍ଗଲ ଓ ପରିବେଶର ଭରଣା ପାଇଁ ପରିବେଶ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ଜରୁରୀ।

**- ସୁମିତ୍ରା ବାରିକ, ଯୁକ୍ତ ୨ ଦ୍ୱିତୀୟବର୍ଷ, ବିଜ୍ଞାନ ଛାତ୍ରୀ।**



"କ୍ରମବର୍ଦ୍ଧିଷ୍ଣୁ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରାଯିବା, କଳକାରଖାନାର ନିର୍ଗତ ବିଷାକ୍ତ ଧୂଆଁ ଓ ଗ୍ୟାସ୍ ପରିବେଶକୁ ପ୍ରଦୂଷଣ କରୁଛି। ଏଗୁଡ଼ିକୁ ରୋକିବା ଦିଗରେ ପ୍ରଶାସନ କଡ଼ା ପଦକ୍ଷେପ ନେବା ଆବଶ୍ୟକ।

**- ସୁନୀଲ ବାରିକ, ଯୁକ୍ତ୨ ଦ୍ୱିତୀୟବର୍ଷ, ବିଜ୍ଞାନଛାତ୍ର।**



"ଅସନ୍ତୁଳିତ ତଥା ଅବକ୍ଷୟମୁଖୀ ପରିବେଶ ମଧ୍ୟରୁ ସବୁଜ ସୁନ୍ଦର ପୃଥିବୀକୁ ରକ୍ଷା କରିବା ଦିଗରେ ପ୍ରତିଟି ମଣିଷ ଆଗଭର ହେବା ଉଚିତ। ପରିବେଶ ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସଚେତନତା ତାଲିମ ଦିଆଯାଉଛି। କଲେଜରେ ଏ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ପରିବେଶ ସୁରକ୍ଷା ପାଇଁ ମୃତ୍ତିକା, ଜଳ, ଜଙ୍ଗଲ, ଜମି ଓ ଶକ୍ତି ସଂରକ୍ଷଣ ପାଇଁ ସମସ୍ତେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ।

**- ସ୍ୱର୍ଣ୍ଣରେଖା ଦାସ, ବରିଷ୍ଠ ଅଧ୍ୟାପିକା।**

## ସଂକ୍ଷେପରେ

### ଯୁକ୍ତ ୨ ବିଜ୍ଞାନ ଫଳ ନୈରାଶ୍ୟଜନକ

**ଚମ୍ପୁଆ, ୪।୬(ଡି.ଏନ.ଏ.)-** ଚମ୍ପୁଆ ବ୍ଲକରେ ଯୁକ୍ତ ୨ ବିଜ୍ଞାନ ଫଳ ନୈରାଶ୍ୟଜନକ ହୋଇଥିବା ଜଣାପଡିଛି। ଶତାଧିକ ଛାତ୍ରୀଛାତ୍ର ଫେଲ ହୋଇଥିବା ବେଳେ ଶିକ୍ଷାନୁଷ୍ଠାନ ଗୁଡିକରେ ପାଠ ପଢାକୁ ନେଇ ଅଭିଭାବକ ମହଲରେ ଚିନ୍ତା ବ୍ୟକ୍ତ କରାଯାଇଛି। ସୂଚନା ଅନୁସାରେ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆ, ଏମକେ ଗାନ୍ଧୀ ମହାବିଦ୍ୟାଳୟ ଷଡଙ୍ଗି ଓ ରିମୁଳି ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ୧୩୬ ଜଣ ପରୀକ୍ଷା ଦେଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୫ ଜଣ, ତୃତୀୟ ଶ୍ରେଣୀରେ ୧୦ ଜଣ ଓ କମ୍ପାର୍ଟମେଣ୍ଟରେ ଜଣେ ପାସ କରିଛି। ସେହିପରି ରିମୁଳି ମହାବିଦ୍ୟାଳୟରେ ୧୫୧ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପ୍ରଥମ ଶ୍ରେଣୀ, ୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀରେ ୧୮ ଜଣ ପାସ କରିଛନ୍ତି। ମୋହନ ଦାସ କରମଚାନ୍ଦ ଗାନ୍ଧୀ କଲେଜର ୬୬ ଜଣ ପରୀକ୍ଷା ଦେଇଥିବା ବେଳେ ମାତ୍ର ୧୨ ଜଣ ପାସ କରିଥିବା ଜଣାଯାଇଛି।

### ଚୋରା ଲୁହାପଥର ଜବତ, ୩ ଗିରଫ

**ଝୁମ୍ପୁରା, ୪।୬(ଡି.ଏନ.ଏ.)-** ଝୁମ୍ପୁରା ବ୍ଲକ, ଜଙ୍ଗଲାଞ୍ଚଳରେ ଅବସ୍ଥିତ ମଲଦା ପଞ୍ଚାୟତ କାଳିଆପାଳ ସଂରକ୍ଷିତ ଜଙ୍ଗଲରେ ଚୋରା ଲୁହାପଥର, ମାଙ୍ଗାନିଜ ଯୋଡା ଖଣି ମଣ୍ଡଳରୁ ଅଣାଯାଇ ଷ୍ଟକୟାର୍ଡ କରାଯିବା ସହିତ ଚୋରା ଚାଲାଣ ହେଉଥିବା ବାମେବାରୀ ଥାନାରେ ଅଭିଯୋଗ ହୋଇଥିଲା। ବାମେବାରୀ ପୋଲିସ ଏନେଇ ଏକ ମାମଲା (ନଂ.୭୩/୨୦୧୯) ରୁଜୁ କରିବାସହ କାଳିଆପାଳ ଜଙ୍ଗଲରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଝାଡଖଣ୍ଡ ରାଜ୍ୟର ରିତ ଗାରାଇ, ସୁଭାସ ଚକ୍ରବର୍ତ୍ତୀ ଏବଂ କାଳିଆପାଳ ବସ୍ତିର ଗୁରା ନାଏକ। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ଏକ ଟ୍ରକ ଜବତ କରିଥିଲା ଯେଉଁଥିରେ ୩୫ ଟନ ଲୁହାପଥର ଥିବା ଜଣାପଡ଼ିଛି।

### ଧରାପଡ଼ିଲେ ୨ ନାବାଳକ ଲୁଟେରା

**ଆନନ୍ଦପୁର,୪। ୬(ସ୍ୱ.ପ୍ର.)-** ଆନନ୍ଦପୁର ବ୍ରିଜଛକ ଠାରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରୁ ୨ ନାବାଳକ ଜଣେ ବ୍ୟକ୍ତିଙ୍କ ପକେଟରୁ ଏକ ଦାମିକା ମୋବାଇଲ୍ ଲୁଟ୍ କରି ଫେରାର ହେବାକୁ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡିଥିଲେ। ଲୋକମାନେ ଉଭୟ ନାବାଳକଙ୍କୁ ଧମକ ଚମକ କରିବା ପରେ ସେମାନେ ଯାଜପୁର ରେବଣା ଅଞ୍ଚଳରୁ ଆସିଥିବା ପ୍ରକାଶ କରିଥିଲେ। ଉଭୟ ଫକୀରପୁର ସାପ୍ତାହିକ ହାଟରୁ ମଧ ଜଣେ ବେପାରୀଙ୍କ ପକେଟରୁ ଟଙ୍କା ନେଇ ଚମ୍ପଟ ଉଦ୍ୟମ କରି ଲୋକଙ୍କ ହାତରେ ଧରାପଡିଥିଲେ। ଉଭୟ ନାବାଳକଙ୍କୁ ସ୍ଥାନୀୟ ଲୋକେ ଆନନ୍ଦପୁର ପୋଲିସର ଜିମା ଦେଇଥିବା ଜଣାପଡିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**କେନ୍ଦୁଝର, ୪।୬(ଡି.ଏନ୍.ଏ.)-** କେନ୍ଦୁଝର ପୁରୁଣା ସହରର ଧର୍ମପରାୟଣା ମହିଳା ଶାନ୍ତିଲତା ତ୍ରିପାଠୀଙ୍କର ରବିବାର ଅପରାହ୍ନରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା,ସ୍ନେହୀ ଓ ମେଳାପୀ ମହିଳା ଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ନେଉଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ମରଶରୀରକୁ ତାଙ୍କ ପୁରୁଣାସହର ବଡଦାଣ୍ଡସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସାମ୍ବାଦିକ, ସ୍ଥାନୀୟ ମହିଳା ତାଙ୍କୁ ଶେଷଦର୍ଶନ କରିଥିଲେ। ସ୍ୱର୍ଗତା ଶାନ୍ତିଲତା ତ୍ରିପାଠୀଙ୍କ ଜ୍ୟେଷ୍ଠପୁତ୍ର ଶିବବ୍ରତ ତ୍ରିପାଠୀ ସମ୍ପ୍ରତି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଭାବେ କାର୍ଯ୍ୟରତ ଥିବାବେଳେ କନିଷ୍ଠପୁତ୍ର ଦେବକଲ୍ୟାଣ ତ୍ରିପାଠୀ ତାଙ୍କୁ ମୁଖାଗ୍ନି ଦେଇଥିଲେ। ଶେଷ ସମୟରେ ତାଙ୍କର ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ଆଜି ବିଶ୍ୱ ପରିବେଶ ଦିବସ

# ବିକାଶ ନାମରେ ନଷ୍ଟ ହେଉଛି ପରିବେଶ

**କେନ୍ଦୁଝର ୪।୬ (ସ୍ୱ.ପ୍ର.)**


ଗଛ କଟାଯାଇ ଜଙ୍ଗଲ ଶୂନ୍ୟ।

ଆଜି ବିଶ୍ୱ ପରିବେଶ ଦିବସ। ଏହି ଦିବସକୁ ପାଳନ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତ ଚାଲିଛି କିନ୍ତୁ କାହାରି ଆନ୍ତରିକତା ଥିବା ମନେ ହେଉନାହିଁ । କେନ୍ଦୁଝର ଜିଲାର ଜଳବାୟୁ ଓ ଜଳାଭାବକୁ ଦେଖିଲେ ପରିବେଶ କେତେ ନଷ୍ଟ ହୋଇଛି ବେଶ ଅନୁମାନ କରିହେବ।

ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ, ଜଙ୍ଗଲ ସଂରକ୍ଷଣ ଆଦି ବାର୍ତ୍ତା ସମସ୍ତେ ଦେଉଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ପାଳନ ହେଉନଥିବାରୁ ଏହା ପ୍ରହସନରେ ପରିଣତ ହେଉଛି । ବୃକ୍ଷରୋପଣ ତ ଦୂର କଥା ବୃକ୍ଷ ନଷ୍ଟକୁ ମଧ ରୋକିବାରେ ବିଫଳ ହେଉଛନ୍ତି। ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷରୋପଣ ହେଉଛି କିନ୍ତୁ ବାସ୍ତବ ଚିତ୍ର କଣ ସମସ୍ତେ ଜାଣନ୍ତି। ବଣଜଙ୍ଗଲ ନଷ୍ଟ ଯୋଗୁ ହାତୀ, ଭାଲୁ, ହରିଣ ଆଦି ବନ୍ୟଜନ୍ତୁ ଓ ସରୀସୃପ ଗ୍ରାମମୁଖୀ ହେଉଛନ୍ତି।

ଏକଦା ଜିଲ୍ଲା ଥଣ୍ଡା ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ଥିବା କେନ୍ଦୁଝର ଜିଲା ଏବେ ଉତ୍ତପ୍ତ ହୋଇଯାଉଥିବାରୁ ଏହାକୁ ନେଇ ପରିବେଶବିତ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ବ୍ୟାପକ ଖଣି ଖନନ, ଜଙ୍ଗଲ ଲୁଟ, ରାସ୍ତାଘାଟ ସମ୍ପ୍ରସାରଣ ପାଇଁ ବ୍ୟାପକ ଜଙ୍ଗଲ କଟା, ବୃଦ୍ଧିପାଉଥିବା ଜଙ୍ଗଲ ଜମି ଜବରଦଖଲ ଆଦି କାରଣରୁ ଜିଲାର ଜଙ୍ଗଲ ଓ ପରିବେଶ ସଙ୍କଟରେ ରହିଛି । ଏହାର କୁ ପ୍ରଭାବ ମଣିଷ, ପଶୁପକ୍ଷୀ, ଜୀବଜଗତ ଉପରେ ପଡୁଛି । ସନ୍ତୁଳିତ ପରିବେଶ ବିଗିଡି ଯାଉଥିବା ବେଳେ ଏହାର ପ୍ରଭାବରେ ଜଳବାୟୁରେ ପରିବର୍ତ୍ତନ ଦେଖାଦେଉଛି । ବର୍ଷାରେ ଅନିୟମିତତା, ଆବଶ୍ୟକତା ଠାରୁ କମ ବେଶୀ ବର୍ଷା ଯୋଗୁଁ ଚାଷ ତଥା ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛି । ଜିଲାରେ ଆଗଭଳି ଘଞ୍ଚ ଜଙ୍ଗଲ ନାହିଁ। ବହୁ ଝରଣା, ନଦୀନାଳ ଲୁପ୍ତ ହୋଇଯାଉଥିବା ବେଳେ ଅନ୍ୟ ସବୁ ସଙ୍କଟରେ ରହିଛି । ଫଳରେ ଜଳାଭାବ ଦେଖାଦେଉଛି। ପ୍ରାକୃତିକ ଜଙ୍ଗଲକୁ କୃତ୍ରିମ ଜଙ୍ଗଲ ଦ୍ୱାରା ଭରଣା କରାଯାଇପାରୁନାହିଁ । ଫଳରେ ଜଙ୍ଗଲର ଘନତ୍ୱ ହ୍ରାସ ପାଉଛି। ସେହିପରି ଜଙ୍ଗଲର ସୁରକ୍ଷା କରାଗଲେ ପ୍ରାକୃତିକ ଜଙ୍ଗଲ ଆପେ ଆପେ ସୃଷ୍ଟି କରାଯାଇପାରିବ। କିନ୍ତୁ ତାହା କରା ନ ଯାଇ ଜଙ୍ଗଲ ମଧ୍ୟରେ ଅଯଥା ଅଦରକାରୀ ଗଛର ବନୀକରଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ପରିବେଶବିତ ମାନେ ମତବ୍ୟକ୍ତ କରୁଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁଯାୟୀ ଜିଲାରେ ସମୁଦାୟ ୨୭୭ଟି ଶିଳ୍ପ ଓ ଖଣି ସଂସ୍ଥା ରହିଛି। ଜିଲାରେ ସମୁଦାୟ ୧୨୦ଟି ଖଣି ଲିଜ ଦିଆଯାଇଛି। ଏହାଛଡା ବେଆଇନ ଖଣି ଖନନକୁ ହିସାବ କଲେ ଏହାର ପରିମାଣ ୫୦ ହଜାର ହେକ୍ଟର ଟପିଯିବ। ସେହିପରି କଟକଣା ଅଭାବରୁ କାରଖାନାର ବର୍ଜ୍ୟବସ୍ତୁ ଯୋଗୁ ଚାଷଜମି, ରାସ୍ତାଘାଟ, ଜଳାଶୟ ଆଦି ପ୍ରଦୂଷିତ ହେଉଛି। ସର୍ବୋପରି ମଣିଷର ବଞ୍ଚିବା ପାଇଁ ଆବଶ୍ୟକ ବିଶୁଦ୍ଧ ପାନୀୟ ଜଳ, ବାୟୁ, ପରିବେଶ ମିଳୁ ନଥିବାରୁ ଏଠାରେ ବଞ୍ଚିବାର ଅଧିକାର କ୍ଷୁର୍ଣ୍ଣ ହେଉଛି।

## ବିଭିନ୍ନ ୱାର୍ଡ ବୁଲି ସ୍ଥିତି ପରଖିଲେ ଚମ୍ପୁଆ ବିଧାୟିକା


ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ଯୋଡା ପୌରାଞ୍ଚଳ ଗସ୍ତ।

**ଯୋଡ଼ା, ୪।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ବିଜେଡି ଦଳରୁ ନୂତନ ଭାବେ ବିଜୟୀ ହୋଇଥିବା ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଡା ପୌରାଞ୍ଚଳର ବିଭିନ୍ନ ୱାର୍ଡ ବୁଲି ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ । ମଙ୍ଗଳବାର ପୂର୍ବାହ୍ନରେ ଯୋଡା ପୌରପାଳିକାର ୧ ଓ ୨ ନଂ ୱାର୍ଡ ଏବଂ ସନ୍ଧ୍ୟାରେ ୬ନଂ ୱାର୍ଡକୁ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ବେଳେ ଲୋକେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ୨ନଂ ୱାର୍ଡବାସୀ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ୫ ବର୍ଷ ଧରି ଯୋଡ଼ା ପୌରପାଳିକାର ପରିଷଦ ବୈଠକରେ ପାନୀୟ ଜଳ ସଙ୍କଟ ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିଲେ ହେଁ, ଆଜି ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ଏହାର ସ୍ଥାୟୀ ସମାଧାନ ହୋଇ ପାରି ନ ଥିବା ଲୋକେ ଅଭିଯୋଗ କରିଥିଲେ।

ଯୋଡ଼ାରେ ବିଭିନ୍ନ ଖଣି କମ୍ପାନୀ ରହିଛି। ସେମାନେ ବାହାର ଅଞ୍ଚଳରୁ ଲୋକଙ୍କୁ ଏଠାରେ ନିଯୁକ୍ତି ଦେଉଥିବା ବେଳେ ଏଠାକାର ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଉନାହାନ୍ତି। ଏହି ସମସ୍ୟା ଉପରେ ଚମ୍ପୁଆ ବିଧାୟିକାଙ୍କୁ ଶୀଘ୍ର ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଲୋକେ ନିବେଦନ କରିଥିଲେ । ଏହି ଗସ୍ତ ସମୟରେ ବିଧାୟିକାଙ୍କ ସହିତ, ଯୋଡା ପୂର୍ବତନ ନଗରପାଳ ରବୀନ୍ଦ୍ର କୁମାର ଦାସ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ଯୋଡା ଟ୍ରକ ମାଲିକ ସଂଘର ସମ୍ପାଦକ ରବି ଦାସଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ପୌରପାଳିକା ନିର୍ବାଚନ ଥିବାରୁ ବର୍ତ୍ତମାନଠାରୁ ଲୋକଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ବିଧାୟିକା ଗୁରୁତ୍ୱ ଦେବା ପାଇଁ ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ପ୍ରସ୍ତାବ ରଖିଥିଲେ। ବିଧାୟିକାଙ୍କ ଯୋଡା ପୌରପାଳିକାରେ ସମୀକ୍ଷା କରିବା ଆଗାମୀ ପୌର ନିର୍ବାଚନ ତାଙ୍କର ଲକ୍ଷ୍ୟ ବୋଲି ଜନସାଧାରଣ ମତ ଦେଇଛନ୍ତି। ପୂର୍ବରୁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଯୋଡା ପୌରାଞ୍ଚଳର ବିଭିନ୍ନ ୱାର୍ଡକୁ ଜଳ ଯୋଗାଣ ହୋଇପାରି ନ ଥିଲା। ଏହାର ସମାଧାନ କରିବା ପାଇଁ ବିଧାୟିକା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଥିବା ୨ ଗୋଟି ପୌରପାଳିକା ଯୋଡା ଓ ବଡବିଲ ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାଚନ ହେବାକୁ ଅଛି । ଏହାକୁ ମଧ ଦୃଷ୍ଟିରେ ରଖି ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ସମୀକ୍ଷା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ଜଜାଙ୍ଗ ଖଣିରେ କାର୍ଯ୍ୟ ସ୍ୱାଭାବିକ

**ଯୋଡ଼ା/କେନ୍ଦୁଝର, ୪।୬(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଜଜାଙ୍ଗ ଖଣିରେ ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଶ୍ରମିକମାନେ ପୁଣି ନିଜ ନିଜ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିବା ଏଆଇଟିୟୁସିର ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ସୂଚନା ଦେଇଛନ୍ତି। ବେଦାନ୍ତ ଖଣିରେ ନୂତନ ଶ୍ରମିକ ସଂଗଠନ କରିବା ଆଳରେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମିଥ୍ୟା ପ୍ରତିଶ୍ରୁତି ଦେଇ ଶ୍ରମିକ ମାନଙ୍କ ମଧ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲେ । ଏହି ଖଣିରେ ଠିକାଦାର ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନେ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରି ଠାରୁ ଯଥେଷ୍ଟ ଅଧିକ ପାଇବା ସହ ବିଭିନ୍ନ ଭତ୍ତା ଆକାରରେ ୨୯୫୦ ଟଙ୍କା ପାଉଛନ୍ତି। ଠିକାଦାର ଓ ଶ୍ରମିକସଂଘ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ ୨୦୧୮ ମସିହା ଏପ୍ରିଲ ମାସ ଠାରୁ ବକେୟା ଅର୍ଥ ସମସ୍ତ ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଇଛି। ଖଣି ଆଇନ ଓ ଶ୍ରମ ଆଇନ ଅନୁସାରେ ସମସ୍ତ ସୁବିଧା ଶ୍ରମିକମାନେ ପାଉଛନ୍ତି ଏବଂ ଏହି ମିଥ୍ୟା ପ୍ରତିଶ୍ରୁତି ବିଷୟରେ ଜାଣିବା ପରେ ପ୍ରାୟ ସମସ୍ତ ଶ୍ରମିକ ଖଣି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜଜାଙ୍ଗ ଖଣିରେ ପ୍ରାୟ ୧୨୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରନ୍ତି। ଆନ୍ଦୋଳନ କରୁଥିବା ପ୍ରାୟ ୪୦ରୁ ୫୦ ଜଣଙ୍କୁ ବାଦ ଦେଲେ ଅନ୍ୟ ସମସ୍ତ ଶ୍ରମିକମାନେ ଖଣିରେ ନିଜ ନିଜ କାର୍ଯ୍ୟରେ ଯୋଗ ଦେଇଥିବା ଏବଂ ଖଣି କାର୍ଯ୍ୟ ସ୍ୱାଭାବିକ ରହିଥିବା ଖଣି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ଭାରତୀୟ ମଜଦୁର ସଂଘ (ବିଏମଏସି)ର ଉପଦେଷ୍ଟା ବିରଜା ମିଶ୍ରଙ୍କୁ ପ୍ରତିକ୍ରିୟା ପାଇଁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

## ନଳକୂପ ଅଚଳ, ମିଳୁନି ପାଣି

**ଝୁମ୍ପୁରା, ୪।୬ (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକର ଗ୍ରାମାଞ୍ଚଳରେ ଦେଖାଦେଉଛି ପାନୀୟ ଜଳାଭାବ। ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ନଳକୂପ ଗୁଡିକ ଅଚଳ ହୋଇ ପଡୁଥିବା କୁହାଯାଉଛି। ପ୍ରାୟତଃ ନଳକୂପ ଗୁଡିକରେ ସକାଳ ବେଳା ପାଣି ରହିଲେ ସନ୍ଧ୍ୟା ସମୟକୁ ପାଣି ଆସୁନାହିଁ। ଝୁମ୍ପୁରା ବ୍ଲକର କୁଟୁଗାଁ ପଞ୍ଚାୟତରେ ରହିଥିବା ଗାଁ ଗୁଡିକରୁ ପାନୀୟ ଜଳ ସମସ୍ୟା ନେଇ ବହୁ ଅଭିଯୋଗ ରହିଛି। ଉକ୍ତ ପଞ୍ଚାୟତର ବାଗରମପଡା ସାହି ପାଖ ଏକ ଆଦିବାସୀ ଅଧ୍ୟୁଷିତ ବସ୍ତୀରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇ ପଡିଥିବାରୁ ବସ୍ତୀ ବାସିନ୍ଦା ୧୦ଦିନ ହେଲା ପାନୀୟ ଜଳକଷ୍ଟ ଭୋଗୁଛନ୍ତି। ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ନିର୍ମାଣାଧୀନ ଥିବା ପ୍ରକଳ୍ପ ଗୁଡିକର କାମ ସରୁ ନ ଥିବାରୁ ପାନୀୟ ଜଳ ସମସ୍ୟା ବଢି ଚାଲିଛି। ଅନ୍ୟପକ୍ଷରେ ଅଭିଯୋଗ ପରେ ମଧ ନଳକୂପ ଗୁଡିକ ଶିଘ୍ର ସଜଡା ଯାଉ ନ ଥିବାରୁ ବସ୍ତୀ ବାସିନ୍ଦା ପାଣି ପାଇଁ ହଇରାଣ ହେଉଛନ୍ତି। ପାନୀୟ ଜଳ ସମ୍ପର୍କିତ ଅଭିଯୋଗ ଉପରେ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଶୁଭସ୍ମିତା ଖମାରୀ କହିଛନ୍ତି ଯେ, ପର୍ଯ୍ୟାୟ କ୍ରମେ ନଳକୂପ ମରାମତି ଜାରି ରହିଛି। ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଛି।

## ବାଲି ଚାଲାଣ ରୋକିବାକୁ ଟ୍ରେଞ୍ଚ ଖୋଳା


ତହସିଲଦାରଙ୍କ ଉପସ୍ଥିତିରେ ପଦ୍ମପୁର ବାଲିଘାଟଠାରେ ଟ୍ରେଞ୍ଚ ଖୋଳାଯାଉଛି।

**ଆନନ୍ଦପୁର, ୪। ୬(ସ୍ୱ.ପ୍ର.)**

ପଦ୍ମପୁର ବୈତରଣୀ ନଦୀ ବାଲି ଘାଟରୁ ବାଲି ଚୋରା ଚାଲାଣକୁ ରୋକିବା ପାଇଁ ଆନନ୍ଦପୁର ତହସିଲ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସମ୍ପୃକ୍ତ ପଦ୍ମପୁର ବାଲିଘାଟ ତହସିଲ ପକ୍ଷରୁ ନିଲାମ କରାଯାଇ ନ ଥିବା ବେଳେ ବିଭିନ୍ନ ସମୟରେ ବେଧଡ଼କ ଭାବେ ଏଠାରୁ ବାଲି ମାଫିଆମାନେ ବାଲି ଚୋରା ଚାଲାଣ କରିବାରେ ସଫଳ ହେଉଛନ୍ତି। ଯଦିଓ ତହସିଲ ପକ୍ଷରୁ ଚଢାଉ କରାଯାଇ ଚୋରା ବାଲି ଗାଡିକୁ ଜବତ କରାଯିବା ଏବଂ ଜରିମାନା ଆଦାୟ କରାଯାଉଛି ତଥାପି ଚାଲାଣ ରୋକାଯାଇପାରୁ ନାହିଁ। କେତେକ ତଳିଆ କର୍ମଚାରୀ ମୋଟା ଅଙ୍କର ହାତଗୁଞ୍ଜା ନେଇ ଏହି ଚାଲାଣ ପରୋକ୍ଷରେ ସମର୍ଥନ କରୁଥିବାବେଳେ ଏହାକୁ ରୋକିବା ପାଇଁ ଆନନ୍ଦପୁର ତହସିଲ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ପଦ୍ମପୁର ବାଲି ଘାଟକୁ ଯାଇ ଥିବା ରାସ୍ତାରେ ଉପସ୍ଥିତ ରହି ୫ ଗୋଟି ବଡ ବଡ ଟ୍ରେଞ୍ଚ ଖୋଳିବାର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ବାରମ୍ବାର ଚୋରା ଚାଲାଣ ରୋକିବା ସମ୍ଭବ ନ ହେବାରୁ ବାଧ ହୋଇ ଟ୍ରେଞ୍ଚ ଖୋଳାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ତହସିଲଦାର ତପନ କୁମାର ନାୟକ ପ୍ରକାଶ କରିଛନ୍ତି।

## ହାତୀ ଦଳିଦେବାରୁ ବୃଦ୍ଧାଙ୍କ ଜୀବନ ଗଲା

**ତେଲକୋଇ/କେନ୍ଦୁଝର, ୪।୬(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଆକୁଳ ଗ୍ରାମରେ ମଙ୍ଗଳବାର ସକାଳ ସମୟରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧା ମହିଳାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିବା ବେଳେ ଘଟଣା ସ୍ଥଳରେ ବନବିଭାଗ ଓ ପୋଲିସ ବିଭାଗ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣା ଅନୁଯାୟୀ ମଙ୍ଗଳବାର ସକାଳ ସମୟରେ ଗ୍ରାମର କଦଳୀ ରଣସିଂହ (୫୫)ନିକଟସ୍ଥ ଜଙ୍ଗଲକୁ ଟୋଲ ସଂଗ୍ରହ ପାଇଁ ଯାଇଥିଲେ । ଏହି ସମୟରେ ଏକ ଦନ୍ତା ହାତୀ ଆକ୍ରମଣ କରିବା ସହିତ କଚାଡି ମାରିଦେଇଥିଲା । ଖବର ପାଇ ବନାଞ୍ଚଳ ଅଧିକାରୀ ପିତାମ୍ବର ନାଏକଙ୍କ ସମେତ ବନକର୍ମଚାରୀ ପହଞ୍ଚିଥିଲେ। ଏହାପରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ତେଲକୋଇ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସ୍ଥାନୀୟ ସରପଞ୍ଚ କଳ୍ପନା ମାରାଣ୍ଡି, ସମିତିସଭ୍ୟ ସୁକାନ୍ତି ନାଏକ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି । ଉକ୍ତ ଜଙ୍ଗଲ ଅଞ୍ଚଳରେ ଦିର୍ଘଦିନ ଧରି ୩ଟି ହାତୀ ରହିବା ସହିତ ବ୍ୟାପକ ଭଙ୍ଗା ରୁଜା କରୁଥିଲେ ହେଁ ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ବନାଞ୍ଚଳ ଅଧିକାରୀ ମୃତକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତଶ୍ରୁତି ଦେଇଥିଲେ। ତେବେ ଏହି ହାତୀ ମାନଙ୍କୁ ଘଉଡାଇଲେ ମଧ ଅନ୍ୟ ଅଞ୍ଚଳକୁ ପଳାଉଥିବା ସ୍ୱୀକାର କରିଛନ୍ତି ।

## କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍‌ର ପରିଦର୍ଶନ


ଟିମ୍‌ର ସଦସ୍ୟମାନେ ଆନନ୍ଦପୁର ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରୁଛନ୍ତି।

**ଆନନ୍ଦପୁର, ୪।୬(ସ୍ୱ.ପ୍ର.)**

କେନ୍ଦ୍ରୀୟ ବିଦ୍ୟାଳୟର ଏକ ଟିମ୍ ଆନନ୍ଦପୁରରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଏହି ଟିମ୍‌ରେ କଟକ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅଶୋକ ମିଶ୍ର, କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟର ହେମନ୍ତ କୁମାର ସାହୁ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ପ୍ରସ୍ତାବିତ ଶିଆଡିମାଳିଆର ୮ଏକର ବିଶିଷ୍ଟ ଜାଗା ପରିଦର୍ଶନ କରିଛନ୍ତି। ଏହା ସହିତ ଅସ୍ଥାୟୀ ଭାବେ ବିଦ୍ୟାଳୟ ଚାଲୁ କରିବା ପାଇଁ ୧୦ ଲକ୍ଷ ବ୍ୟୟ ଅଟକଳରେ ନବକଳେବର କରାଯାଇଥିବା ବ୍ରିଜଛକ ସ୍ଥିତ ବ୍ରଜବନ୍ଧୁ ବିଦ୍ୟାପୀଠର ଦୁଇ ମହଲା ବିଶିଷ୍ଟ ଘର ମଧ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଆନନ୍ଦପୁର ତହସିଲଦାର ତଥା ଭାରପ୍ରାପ୍ତ ଉପଜିଲାପାଳ ତପନ କୁମାର ନାୟକ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଅଧିକାରୀ ସମୀର କୁମାର ଅଧିକାରୀ, ଆରଆଇ ସୀମା ସିମନ୍ତିନୀ ସାହୁ ମଧ ଉପସ୍ଥିତ ରହି କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍ ସହିତ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ପ୍ରସ୍ତାବିତ ସ୍ଥାନର ପଟ୍ଟା ଆବେଦନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଯେତେ ଶୀଘ୍ର ସମ୍ଭବ ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରିଦର୍ଶନରେ ଆସିଥିବା ଟିମ୍ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟର କାର୍ଯ୍ୟକାରିତାକୁ ଆନନ୍ଦପୁର ଜନସାଧାରଣଙ୍କର ଆଗ୍ରହ ବଢି ଚାଲିଛି। ତେବେ ଏହା କେବେ କାର୍ଯ୍ୟକାରୀ କରାଯିବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ପ୍ରହସନ ପାଲଟିଛି ବୃକ୍ଷରୋପଣ ଯୋଜନା

**ଚମ୍ପୁଆ, ୪।୬(ଡି.ଏନ.ଏ.)**

ଚମ୍ପୁଆ ଏନଏସି ଅନ୍ତର୍ଗତ ପାଞ୍ଚପୋଖରିଆଠାରେ ଖଣି କମ୍ପାନୀ ଦ୍ୱାରା କରାଯାଇଥିବା ସହର ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହୋଇଛି। ଗୃହ ପାଳିତ ପଶୁଙ୍କର ଏହା ଚାରଣ ଭୂଇଁ ପାଲଟିଛି। କମ୍ପାନୀ ଗଛ ଲଗାଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ୨୦୧୭ ମସିହା ଜୁଲାଇ ମାସରେ ପାଞ୍ଚପୋଖରିଆ ନିକଟରେ କମ୍ପାନୀ ପକ୍ଷରୁ ହଜାର ହଜାର ଗଛ ଲଗାଯାଇଥିଲା। ଉଦ୍ଦେଶ୍ୟ ଥିଲା ସହରର ପରିବେଶକୁ ସୁସ୍ଥ ବାତାବରଣ ଦେବ। ଏଥି ପାଇଁ ତତ୍କାଳୀନ ରେଞ୍ଜର ଭରତ ଚନ୍ଦ୍ର ଘଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମ୍ପାନୀ ପକ୍ଷରୁ ବୃକ୍ଷ ରୋପଣ କରା ଯାଇଥିଲା। ଉକ୍ତ ବୃକ୍ଷ ରୋପଣ ଚାରି ପାଖରେ କଂକ୍ରିଟ ଚଲାପଥ ନିର୍ମାଣ କରିବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଗଛ ଲଗାଇ କମ୍ପାନୀ ନୀରବ ରହିଯାଇଥିଲା। ଜଗା ରଖା ଅଭାବରୁ ଗଛଗୁଡିକ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ବନାଞ୍ଚଳ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାଯାଇଛି। ଏ ନେଇ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ରକ୍ତଭଣ୍ଡାରରେ ରକ୍ତ ଶୂନ୍ୟ

■ସମସ୍ୟାରେ ଚମ୍ପୁଆ ଓଡ଼ିଶା ରକ୍ତ ଭଣ୍ଡାର

■ରୋଗୀଙ୍କ ଆବଶ୍ୟକତା ପୂରଣ ହେଉନି

**ଚମ୍ପୁଆ, ୪।୬(ଡି.ଏନ.ଏ.)**



ଚମ୍ପୁଆ ଓଡ଼ିଶା ରକ୍ତ ଭଣ୍ଡାର ।

ଜରୁରିକାଳୀନ ଚିକିତ୍ସାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରେଡକ୍ରସ ରକ୍ତ ଭଣ୍ଡାରର ସମସ୍ୟା ବଢିବାରେ ଲାଗିଛି। ଅନେକ ସମୟରେ ଏହି ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଛି। ଚମ୍ପୁଆ ଉପଖଣ୍ଡରେ ରକ୍ତଜନିତ ସମସ୍ୟାର ଦୂରୀକରଣ ପାଇଁ ୨୦୦୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ରକ୍ତ ଭଣ୍ଡାର ଉଦ୍‌ଘାଟନ କରାଯାଇଥିଲା। ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଝାଡ଼ଖଣ୍ଡ, ମୟୂରଭଞ୍ଜ, ସୁନ୍ଦରଗଡ଼ ସହିତ ଚମ୍ପୁଆ, ଯୋଡ଼ା, ବଡ଼ବିଲ ଓ ଝୁମ୍ପୁରା ଅଞ୍ଚଳରୁ ରୋଗୀମାନଙ୍କୁ ଏହି ରକ୍ତ ଭଣ୍ଡାର ମାଧ୍ୟମରେ ରକ୍ତ ପ୍ରଦାନ କରାଯାଉଥିଲା। ମାତ୍ର ବର୍ତ୍ତମାନ ଏହି ରକ୍ତଭଣ୍ଡାରରେ ଅନେକ ସମୟରେ ବିଭିନ୍ନ ଗ୍ରୁପର ରକ୍ତର ଅଭାବ ରହୁଥିବା ଦାୟିତ୍ୱରେ ଥିବା ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ରକ୍ତ ଭଣ୍ଡାର ପାଇଁ ପ୍ରତ୍ୟେକ ମାସ ୧୦୦ରୁ ୧୫୦ ରକ୍ତର ଆବଶ୍ୟକ ରହୁଥିବା ବେଳେ ମାତ୍ର ୫୦ରୁ ୬୦ ରକ୍ତ ସଂଗ୍ରହ କରାଯାଇପାରୁଛି। ଏ,ବି, ଓ+ ଗ୍ରୁପର ରକ୍ତର ଆବଶ୍ୟକତା ଅଧିକ ରହୁଥିବା ବେଳେ ଅନେକ ସମୟରେ ଗୋଟିଏ ଦୁଇଟି ରକ୍ତ ରହୁଛି। ଫଳରେ ରୋଗୀଙ୍କ ଆବଶ୍ୟକତା ପୂରଣ କରାଯାଇ ପାରୁନାହିଁ। ବିଭିନ୍ନ ସଙ୍ଗଠନ ଯଥା, ଚନ୍ଦ୍ରଶେଖର କଲେଜ, କଳିଙ୍ଗ ରି କ୍ରିଏସନ କ୍ଲବ, ସୋସିଆକ୍ଲବ କରଞ୍ଜିଆ, ଆକ୍ସିସ ବ୍ୟାଙ୍କ ଯୋଡା, ସମ୍ବାଦ ଆମ ଓଡ଼ିଶା, ବଡବିଲ ଶିଶୁ ମନ୍ଦିର, ଏଚ.ଡି.ଏଫ. ସି. ବ୍ୟାଙ୍କ ଯୋଡା, ଏଲଆଣ୍ଡଟି କନଷ୍ଟ୍ରକସନ୍, ବିଜୁ ଯୁବ ବାହିନୀ ଆଦି ସଙ୍ଗଠନ ପକ୍ଷରୁ ଅନେକ ସମୟରେ କ୍ୟାମ୍ପ କରାଯାଇ ରକ୍ତ ଗ୍ରହଣ କରାଯାଉଥିଲେ ମଧ ଏହା ଯଥେଷ୍ଟ ହୋଇପାରୁନାହିଁ। ଥାଲାସେମିଆଁ, ଡେଲିଭରି ରୋଗୀ ଓ ଜରୁରିକାଳୀନ ପରିସ୍ଥିତିରେ ରୋଗୀମାନଙ୍କୁ ରକ୍ତ ଭଣ୍ଡାରରୁ ମାଗଣା ରକ୍ତ ପ୍ରଦାନ କରାଯାଉଛି। ମାତ୍ର ରୋଗୀଙ୍କୁ ନେଇ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ପ୍ରାୟତଃ ନିଶା ସେବନ କରୁଥିବାରୁ ତାଙ୍କ ଠାରୁ ରକ୍ତ ଗ୍ରହଣ କରାଯାଉ ନାହିଁ। ଅନ୍ୟପକ୍ଷରେ ମାସକୁ ଗୋଟିଏ କ୍ୟାମ୍ପ ଏବଂ ଏନଜିଓମାନଙ୍କ ଦ୍ୱାରା ସଚେତନତା କରାଯାଇ କ୍ୟାମ୍ପ କରାଗଲେ ଏହି ସମସ୍ୟା ଦୂର ହୋଇପାରିବ। ବର୍ଷକୁ ୭ରୁ ୮ ଗୋଟି କରାଯାଉଥିବା କ୍ୟାମ୍ପ ପରିବର୍ତ୍ତେ ୧୦ରୁ ୧୫ଟି କରାଗଲେ ରକ୍ତର ଅଭାବ ରହିବ ନାହିଁ ବୋଲି ଜ୍ୟୋତିରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍କୁଟର ସିଟ ତଳୁ ନାଗ ଉଦ୍ଧାର



**ବାରିପଦା ଅଫିସ,୪।୬:** ବାରିପଦା ସହର ତକତପୁର ୱାର୍ଡ ନଂ ୨୭ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସ୍କୁଟର ସିଟ ତଳୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିକଟରେ ରହୁଥିବା ସହକାରୀ କୃଷି ଅଧିକାରୀ ଜୟକୃଷ୍ଣ ନାୟକଙ୍କ ସ୍କୁଟର ସିଟ ତଳେ ସାପ ଥିବା ନାୟକଙ୍କ ସ୍ତ୍ରୀ ଦେଖିଥିଲେ। ପରେ ପ୍ରାଣୀ ଉଦ୍ଧାରକାରୀ କୃଷ୍ଣଚନ୍ଦ୍ର ଗୋଚ୍ଛାୟତ ଆସି ସାପଟିକୁ ଉଦ୍ଧାର କରିଥିଲେ। ସାପଟିର ଲମ୍ବ ୩ ଫୁଟ ହେବ ବୋଲି ଜଣାପଡିଛି।

### ମେଡିକାଲ କଲେଜ ସମସ୍ୟା ନେଇ ଦାବିପତ୍ର

**ବାରିପଦା ଅଫିସ,୪।୬:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ତଥା ଅବ୍ୟବସ୍ଥାର ସମାଧାନ ପାଇଁ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାସାର ଦାବି ଅନୁସାରେ ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁ ରୋଗୀମାନଙ୍କ ପାଇଁ ଥିବା ଲିଫ୍ଟ ଅଚଳ ହୋଇ ପଡିଥିବାରୁ ତୁରନ୍ତ ଏହାର ମରାମତି କରିବା, ଆଉଟଡୋର ରୋଗୀଙ୍କ ଲାଗି ମେଡିକାଲରେ ଥିବା ୨ଟି କାଉଣ୍ଟରକୁ ବୃଦ୍ଧିକରି ୪ଟି କାଉଣ୍ଟର କରିବା, ମେଡିକାଲ କଲେଜ ଏବଂ ହସ୍ପିଟାଲର ମୁଖ୍ୟ ଫାଟକରେ ଓଡ଼ିଆ ଭାଷା ସହିତ ସାନ୍ତାଳୀ ଭାଷାରେ ଲେଖାଯିବା, ରୋଗୀ ସମ୍ପର୍କୀୟମାନଙ୍କ ଗାଡି ରଖିବା ପାଇଁ ସ୍ୱତନ୍ତ୍ର ପାର୍କିଂର ବ୍ୟବସ୍ଥା କରାଯିବା, ବିଭିନ୍ନ ୱାର୍ଡରେ ଖରାପ ହୋଇ ପଡିଥିବା ଫ୍ୟାନ ମରାମତି କରାଯିବା, ଖାଲି ପଡିଥିବା ବିଭିନ୍ନ ପଦବୀଗୁଡିକୁ ତୁରନ୍ତ ପୂରଣ କରାଯିବା ଏବଂ ଚାକିରି କ୍ଷେତ୍ରରେ ମୟୂରଭଞ୍ଜ ଜିଲାର ଶିକ୍ଷିତ ଛାତ୍ରୀଛାତ୍ରମାନଙ୍କୁ ଅଗ୍ରାଧିକାର ଦିଆଯିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ୟା ଗୁଡିକର ସମାଧାନ ପ୍ରତି ଯଦି ଦୃଷ୍ଟି ଦିଆ ନ ଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମାସାର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଶାମାଖୁଣ୍ଟା ବ୍ଲକ ସଭାପତି ମଦନ ହାଁସଦା, ବିଜୟ ସୋରେନ, ଦୁର୍ଗାପ୍ରସାଦ ମୁର୍ମୁ, ସାମଲ କୁମାର ସିଂଙ୍କ ସହ ଅନ୍ୟ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

## ■ ବାରିପଦା ରଥଯାତ୍ରା ପ୍ରସ୍ତୁତି ବୈଠକ

# ବ୍ୟୟ ଅଟକଳ ୩୫.୯୫ ଲକ୍ଷ

**ବାରିପଦା ଅଫିସ,୪।୬**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ମାସ ୪ ତାରିଖରେ ଠାକୁରଙ୍କ ପହଣ୍ଡି ବିଜେ ପରେ ୫ ଓ ୬ ତାରିଖରେ ରଥଟଣା କାର୍ଯ୍ୟକ୍ରମ ରହିଛି। ୧୩ ଓ ୧୪ ତାରିଖରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ରଥଯାତ୍ରା ପାଇଁ ମୋଟ ୩୫ ଲକ୍ଷ ୯୫ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରାଯାଇ ଏହାକୁ ତଦାରଖ କରି ଫିଟ୍‌ନେସ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରଥଯାତ୍ରା ସମୟରେ ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ସ୍ଥାନରେ ଆଲୋକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପୋଲିସ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା, ହୋଟେଲ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

■ ଜୁଲାଇ ୫ ଓ ୬ ରେ ରଥଟଣା
■ ସୋସିଆଲ ମିଡିଆରେ ରଥଯାତ୍ରାର ସିଧା ପ୍ରସାରଣ ହେବ
■ ଖଣି ମାଲିକ ମନ୍ଦିରରେ ରଙ୍ଗ ଦେବେ, ମରାମତି କରିବେ

ଓ ଜଳଖିଆ ଦୋକାନମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ପରୀକ୍ଷା ଓ ଯାଞ୍ଚ, ସହରର ପରିଷ୍କାର ପରିଚ୍ଛନ୍ନତା, ପରିମଳ ଓ ପାନୀୟ ଜଳ ଯୋଗାଣ, ବଡ଼ଦାଣ୍ଡରେ କୌଣସି ପ୍ରକାର ଆମିଷ ଖାଦ୍ୟ ବିକ୍ରୟ ନିଷେଧ ଉପରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ବଡଦାଣ୍ଡରେ ଜଗନ୍ନାଥ ସଂସ୍କୃତି ଉପରେ ଧାରା ବିବରଣୀ, ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।

ସେହିପରି ଚଳିତ ବର୍ଷ ସୋସିଆଲ ମିଡିଆ (ଫେସବୁକ ଓ ୟୁଟ୍ୟୁବ) ଜରିଆରେ ରଥଯାତ୍ରାର ସିଧା ପ୍ରସାରଣ କରାଯିବ। ଏହା ଦ୍ୱାରା ଲୋକେ ଘରେ ଥାଇ ମଧ୍ୟ ରଥଯାତ୍ରା ଦେଖି ପାରିବେ। ସେହିପରି ଜିଲା ଖଣି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲାରେ ଥିବା ଖଣି ମାଲିକମାନଙ୍କ ଦ୍ୱାରା ମନ୍ଦିରର ରଙ୍ଗ ଓ ମରାମତି କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରାକୁ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବ। ଏହା ସହିତ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣୁଥିବା ପରମ୍ପରା ଥିବାରୁ ଏଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଥିଲା।

### ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ରଥଯାତ୍ରା ବେଳେ ବଡଦାଣ୍ଡରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥାଏ। ଏହା ସହିତ ବିଦ୍ୟୁତ୍ ବିଭାଗ କର୍ମଚାରୀ ରଥଯାତ୍ରା ବେଳେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତଦାରଖ କରିଥାନ୍ତି। ମଙ୍ଗଳବାର ରଥଯାତ୍ରା ପ୍ରସ୍ତୁତି ପ୍ରଥମ ବୈଠକରେ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ଏଥିନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସମୟରେ ଅନୁଷ୍ଠିତ ବୈଠକରେ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ରହୁଥିବା ବୈଠକରେ ଅଭିଯୋଗ ହୋଇଥିଲା।

## ୧୫ ଫୁଟ ତଳକୁ ଓଲଟିଲା ଡିଜେଲ ଟ୍ୟାଙ୍କର



ଓଲଟି ପଡିଥିବା ଟ୍ୟାଙ୍କରରୁ ଲୋକେ ଡିଜେଲ ବୋହି ନେଉଛନ୍ତି।

**କୁଳିଅଣା,୪।୬(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଚିରଗାଲଡିହି ଛକଠାରେ ମଙ୍ଗଳବାର ଭୋର ସମୟରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର ରାସ୍ତାଠାରୁ ୧୫ ଫୁଟ ତଳକୁ ଭାରସାମ୍ୟ ହରାଇ ଓଲଟି ପଡିଛି।

ପାରାଦୀପରୁ ୨୪ ହଜାର ଲିଟର ଡିଜେଲ ନେଇ ଜାମସେଦପୁର ଯାଉଥିବା ଏହି ଟ୍ୟାଙ୍କରଟି ସମ୍ମୁଖ ଦିଗରୁ ଆସୁଥିବା ଏକ ଟ୍ରେଲରକୁ ସାଇଡ ଦେବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକେ ଗରା, ବାଲ୍‌ଟି ଓ ଜାରକିନ ସାହାଯ୍ୟରେ ଡିଜେଲ ଲୁଟି ନେଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ଥାନା ଏଏସଆଇ ସଞ୍ଜୟ କୁମାର ବ୍ରହ୍ମା ଘଟଣାସ୍ଥଳରେ ପହଞ୍ଚି ଟ୍ୟାଙ୍କର ଡ୍ରାଇଭର ବିଜୟ ପ୍ରସାଦଙ୍କୁ ଅଟକ ରଖିଛନ୍ତି।

## ଜମି ଅଧିକାର ନେଇ ଆନ୍ଦୋଳନ ଡାକରା

**ବାରିପଦା ଅଫିସ,୪।୬**

ବାରିପଦା ସ୍ଥିତ ୨୭ ନମ୍ବର ୱାର୍ଡ ଦେବେନ୍ଦ୍ରପୁରଠାରେ ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ ଆନୁକୂଲ୍ୟରେ ଏକ ବୈଠକ ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜମି ଅଧିକାର ଆଇନର କାର୍ଯ୍ୟକାରିତା ଲାଗି ବ୍ୟାପକ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ବାରିପଦା ପୌରାଞ୍ଚଳରେ ବିଭିନ୍ନ କିସମର ଜମି ଅପ୍ରାସଙ୍ଗିକ ଭାବେ ପଡ଼ି ରହିଛି। ସହର ମଧ୍ୟରେ ଜଙ୍ଗଲ ନ ଥାଇ ଜଙ୍ଗଲ ଜମି, ଡିପ ଜାଗାରେ ଜଳପୁଟ, ଭୂଦାନରେ ଜମି ପାଇଥିବା ଲୋକ ନ ଥାଇ ଭୂଦାନ ଜମି ପ୍ରଭୃତି ନାନା କିସମ ପଞ୍ଜୀକୃତ ହୋଇଛି। ବାସ୍ତବତାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଏସବୁ ଜମିର କିସମ ବଦଳାଯାଇ ନାହିଁ। ପୌରାଞ୍ଚଳ ମଧ୍ୟରେ ଏହି ଜମିର କିସମ ଆବଶ୍ୟକ ମୁତାବକ ବଦଳାଯାଇ ପଟ୍ଟାବିହୀନ ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ପାଇଁ ଦାବି କରାଯାଇଛି । ଏହି ନିୟମର କାର୍ଯ୍ୟକାରିତା କ୍ଷେତ୍ରରେ କାଳକ୍ଷେପଣ ନୀତି ଅବଲମ୍ବନ କଲେ ବାରିପଦାରେ ବ୍ୟାପକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି। ଏହା ସହିତ ପୌରପରିଷଦର ସର୍ବାଙ୍ଗିନ ବିକାଶ, ପରିମଳ ବ୍ୟବସ୍ଥା ଓ ରାସ୍ତାଘାଟର ଉନ୍ନତି ପାଇଁ ମଧ୍ୟ ସଂଘ ଅଙ୍ଗିକାରବଦ୍ଧ ବୋଲି ବକ୍ତାମାନେ କହିଛନ୍ତି। ସଂଘର ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ କୋଷାଧ୍ୟକ୍ଷ ଭାରତୀ ପାତ୍ର, ପ୍ରସନ୍ନ ବିନ୍ଧାଣୀ, ସୁବାସିନୀ ବିନ୍ଧାଣୀ, ମହେଶ୍ୱର ବେହେରା, ଶ୍ରଦ୍ଧାଞ୍ଜଳି ବେହେରା, ରତିକାନ୍ତ ଚୌଧୁରୀ ଶିବାନୀ ଦଣ୍ଡପାଟ, ଶିବଶଙ୍କର ଦିଗାର, ନାରାୟଣଚନ୍ଦ୍ର ସାହୁ, ସୁକୁମାରୀ ପାତ୍ର, ବିଜୁ ମହାନ୍ତି, ପାର୍ବତୀ ହେମ୍ବ୍ରମ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଶୋଇରେ ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ବିଶୋଇ,୪।୬(ଡି.ଏନ.ଏ)**



ଗ୍ରାମବାସୀଙ୍କ ସହ ରାଜସ୍ୱ ମନ୍ତ୍ରୀ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରୁଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ମଙ୍ଗଳବାର ମୟୂରଭଞ୍ଜ ଜିଲା ବିଶୋଇଠାରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମନ୍ତ୍ରୀଙ୍କ ସମେତ ମୋରଡ଼ା ବିଧାୟକ ରାଜକିଶୋର ଦାସ, ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ପ୍ରାକ୍ତନ ବିଧାୟକ ଭାଦବ ଚନ୍ଦ୍ର ହାଁସଦା ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବ୍ଲକ କର୍ମଚାରୀ, ବିଜେଡି ଦଳୀୟ କର୍ମୀ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୁନାରାମ ଛକ ନିକଟରୁ ମନ୍ତ୍ରୀଙ୍କୁ ପାଛୋଟି ନିଆଯାଇଥିଲା। ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମନ୍ତ୍ରୀ ଧାନା ଗ୍ରାମକୁ ଯାଇଥିଲେ। ବିଶୋଇ ବ୍ଲକ ପ୍ରଶାସନ ତରଫରୁ ସେଠାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀ ଯୋଗଦେଇ ଚେୟାର ପରିବର୍ତ୍ତେ ନିଆରା ଢ଼ଙ୍ଗରେ ଦୌଡ଼ି ଖଟରେ ବସି ଗ୍ରାମବାସୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶୋଇ ପଞ୍ଚାୟତର ୩୫ ହିତାଧିକାରୀଙ୍କୁ ନୂତନ ଭତ୍ତାକାର୍ଡ ସାଙ୍ଗକୁ ୫ ମାସର ସର୍ବମୋଟ ୨୫ଶହ ଟଙ୍କା ଭତ୍ତା ମନ୍ତ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଧର୍ମାନନ୍ଦ ବେହେରା, ରାଇରଙ୍ଗପୁର ଏସଡ଼ିପିଓ ଅମୂଲ୍ୟ କୁମାର ଧର ,ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦା, ଅତିରିକ୍ତ ତହସିଲଦାର ଦଶରଥ ନାଏକ , ବିଡ଼ିଓ ବିବୁଧ ଗଡ଼ନାୟକ, ବ୍ଲକ ଜିପିଇଓ ରୂପେଶ ନାଏକ , ବିଶୋଇ ସରପଞ୍ଚ ଘାସିନୀ ନାଏକ, ପଞ୍ଚାୟତ ସମିତି ସଦସ୍ୟା ବିଦ୍ୟୁସ୍ମିତା ଦେଓ, ୱାର୍ଡ ସଦସ୍ୟା ସଙ୍ଘମିତ୍ରା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

ବିଶୋଇ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡି , ରାଜ୍ୟ ଯୁବ ବିଜେଡି ଉପସଭାପତି କ୍ଷୀରୋଦ ନନ୍ଦ, ଜିଲା ମହିଳା ବିଜେଡି ସଭାପତି ମମତା ମହାନ୍ତ, ବ୍ଲକ ଅଧ୍ୟକ୍ଷା ତୁଳସୀ ଶିଙ୍କୁ ହାଁସଦା, ବ୍ଲକ କାର୍ଯ୍ୟକାରୀ ସଭାପତି ଉତ୍କଳ ରଞ୍ଜନ ମହାନ୍ତି, ବରିଷ୍ଠ ସଦସ୍ୟ ଅକ୍ଷୟ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀଙ୍କ ସହିତ ମନ୍ତ୍ରୀ ବିଶୋଇ ବଜାର ପରିକ୍ରମା କରିଥିଲେ। ବିଜେଡି କର୍ମୀ କୃଷ୍ଣଚନ୍ଦ୍ର ମହାନ୍ତ, ଦିଲୀପ ସି, ନିଲେଶ ରାମ, ଅଶୋକ ମହାପାତ୍ର, ପ୍ରମୋଦ ମହାନ୍ତି, ସବ୍ୟସାଚୀ ଦାସ, ପଦ୍ମ ଗିରିଙ୍କ ସମେତ ବ୍ଲକର ସମସ୍ତ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

**ବଡ଼ସାହି,୪।୬(ସ୍ୱ.ପ୍ର)**

ବଡ଼ସାହି ତହସିଲ ଅଧିନରେ ଥିବା ବୁଢାବଳଙ୍ଗ ନଦୀରୁ ବେଆଇନ ବାଲି ପରିବହନ କରୁଥିବା ୩ ଟ୍ରାକ୍ଟରକୁ ତହସିଲଦାର ଜବତ କରିଛନ୍ତି। ୨ଟି ଟ୍ରାକ୍ଟରରୁ ୭୦ ହଜାର ୨୪୦ଟଙ୍କା ଜରିମାନା ଆଦାୟ କରାଯାଇଛି । ଅନ୍ୟ ଏକ ଟ୍ରାକ୍ଟରକୁ ନଦୀ ପଠାରୁ ଆଣିବା ସମ୍ଭବ ହୋଇନଥିବା ବେଳେ ଟ୍ରାକ୍ଟର ମାଲିକଙ୍କୁ ଅବଗତ କରାଯାଇଛି । ବେଆଇନ ବାଲି ଚାଲାଣ କରୁଥିବା ନେଇ 'ବିପଦରେ ତଟବର୍ତ୍ତୀ ଅଞ୍ଚଳ' ଶୀର୍ଷକ ଏକ ରିପୋର୍ଟ ଗତ ୨୬ ମଇରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା । ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ବର୍ତ୍ତନା ଅଞ୍ଚଳରୁ ଏକ ଟ୍ରାକ୍ଟର ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ । ବେଆଇନ ବାଲି ପରିବହନ କରୁଥିବା ଟ୍ରାକ୍ଟରରୁ ୩୦ହଜାର ୧୨ଟଙ୍କା ଜରିମନା ଆଦାୟ କରିଥିଲେ । ମଙ୍ଗଳବାର ଅତିରିକ୍ତ ତହସିଲଦାର ପୃଥିରାଜ ପରିଡା ଚଢାଉ କରି କୋଲକଠା ନଦୀପଠାରୁ ବାଲି ଉତ୍ତୋଳନ କରୁଥିବା ଟ୍ରାକ୍ଟର ଜବତ କରି ଜରିମାନା ବାବଦରେ ୪୦ହଜାର ୧୨୦ଟଙ୍କା ଆଦାୟ କରିଛନ୍ତି।

## ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ରାଇରଙ୍ଗପୁର,୪।୬(ଡି.ଏନ୍.ଏ.)**

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମଙ୍ଗଳବାର ରାଇରଙ୍ଗପୁର ଗସ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ପରିସରରେ ପ୍ରଶାସନସ୍ତରୀୟ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ମୋରଡ଼ା ବିଧାୟକ ରାଜକିଶୋର ଦାସ ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତନାରାୟଣ ସିଂ ଲାଗୁରୀଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟ, ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ, ଗ୍ରାମ୍ୟ ଜଳଯୋଗାଣ, କୃଷି ଏବଂ ପୌରପରିଷଦ ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

**ବାରିପଦା ଅଫିସ,୪।୬**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ବାରିପଦା– ବାଘଡା ରାସ୍ତା ହାତୀମରା ସ୍ଥିତ ପାକଟିଆ ଜଙ୍ଗଲଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କୁକୁଡା ବୋଝେଇ ପିକଅପ ଭ୍ୟାନ (ଓଡ଼ି୧୧କ୍ୟୁ ୮୧୯୫) ଗୋଟିଏ ବାଇକ (ଡବ୍ଲୁବି ୩୪ଏ୦୨୬୫୮) କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଅଢ଼େଇ ବର୍ଷର ଶିଶୁଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନଙ୍କଠାରୁ ଖବରପାଇ ଶୁଳିଆପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆହତମାନଙ୍କୁ କୋଷ୍ଠା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ପରେ ଆହତମାନଙ୍କୁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୪/୧୯) ରୁଜୁ କରି ଦୁର୍ଘଟଣା ଘଟାଇଥିବା ପିକଅପ ସହ ବାଇକକୁ ଜବତ କରିଛି। ମୃତ ବ୍ୟକ୍ତି ଜଣକ ପଶ୍ଚିମମେଦିନାପୁର ଥାନା ଅନ୍ତର୍ଗତ ଦାନ୍ତୁନ ଅଞ୍ଚଳର ରାଜୀବ ପାତ୍ର (୩୨) ବୋଲି ଜଣାପଡଛି। ଆହତମାନେ ହେଲେ ଜରିପଦା ଅଞ୍ଚଳର ପୂର୍ଣ୍ଣିମା ନାଏକ (୨୫) ଓ ତାଙ୍କର ଅଢ଼େଇ ବର୍ଷର ଶିଶୁ କନ୍ୟା ପାଏଲ ନାଏକ ଏବଂ ତାଙ୍କ ଭାଇ ଅବିନାଶ ଧଳ (୩୨)। ଦାନ୍ତୁନ ଅନ୍ତର୍ଗତ ବଡ଼ବାଘଡାର ସମର ଦାସ ଥାନାରେ କରିଥିବା ଅଭିଯୋଗ ଅନୁସାରେ,ତାଙ୍କ ମାମୁଁ ପୁଅ ଭାଇ ମୃତ ରାଜୀବ ଏବଂ ତାଙ୍କ ସାଙ୍ଗ ଅବିନାଶ ଶୁଳିଆପଦା ଥାନା ଅନ୍ତର୍ଗତ ବଡ଼ଡୁଙ୍ଗାଧୁଆ ଅଞ୍ଚଳକୁ ଆସିଥିଲେ। ମଙ୍ଗଳବାର ବାଇକ ଯୋଗେ ବଡ଼ବାଘଡାକୁ ରାଜୀବ, ଅବିନାଶ,ପୂର୍ଣ୍ଣିମା ଏବଂ ତାଙ୍କର ଝିଅ ଫେରୁଥିବା ବେଳେ ହାତୀମରା ସ୍ଥିତ ପାକଟିଆ ଜଙ୍ଗଲ ନିକଟରେ କୁକୁଡା ବୋଝେଇ ପିକଅପ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା।

## ଫନୀ ପ୍ରଭାବିତଙ୍କୁ ସହାୟତା

**ବାରିପଦା ଅଫିସ,୪।୬**

ପୁରୀ ଜିଲା ଡେଲାଙ୍ଗ ବ୍ଲକର ବେରବୋଇ, ଉଦୟପୁର, ମଣିଜପୁର, ବୁଆଲି ଓ ଷୋହଳବାଟିଆ ଗ୍ରାମର ୧୧ଟି ୱାର୍ଡର ଫନୀ ବାତ୍ୟା ଦ୍ୱାରା ପ୍ରଭାବିତ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ଓଡିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜ ଜିଲା ଆବାହକ ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଚକ୍ରଧର ସାହୁ, ଆଶିଷ ବଶା ପ୍ରମୁଖ ମସିଣା, ମଶାରୀ ଓ ସୌର ଲଣ୍ଠନ ଆଦି ବିତରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ଆବାହକ ଦିବାକର ମହାପାତ୍ର, ଅଶୋକ ସେଠୀ ଏବଂ ବେରବୋଇ ଗ୍ରାମର ପ୍ରଭାସ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୁଚିତ୍ରା ମହାନ୍ତି, ଲୋକେଶ କୁମାର ଦାଶ, ସନ୍ତୋଷ ପତି, ଅନୀଲ କୁମାର ପଟ୍ଟନାୟକ, ଅଶୋକ କୁମାର ଦତ୍ତ, ଧୋନିଲତା ବାସ୍କେ, ଡ ଗିରିଧାରୀ ମହାନ୍ତ, ଉତ୍ତମ କୁମାର ପାତ୍ର,ପୁନିତ କୁମାର ସାକୁନିଆ ସହାୟତା ପ୍ରଦାନ କରିଥିଲେ।

## ■ ବାବା କଖାରୁଆ ବୈଦ୍ୟନାଥ ଶୈବପୀଠ

# ସୌନ୍ଦର୍ଯ୍ୟ ଅଛି, ବିକାଶ ନାହିଁ

**ବଡ଼ସାହି,୪।୬(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ମାଣଡ୍ରୀଠାରେ ପୁରାତନ ଶୈବ ପୀଠ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ଅବସ୍ଥିତ । ପୁରାଣ ବର୍ଣ୍ଣିତ ବିଭିନ୍ନ ତଥ୍ୟ ସହିତ ଜଡିତ ରାଜାରାଜୁଡା ଅମଳରୁ ନିର୍ମାଣ ହୋଇଛି ଉତ୍ତର ଓଡ଼ିଶାର ଏହି ପ୍ରସିଦ୍ଧ ଶୈବ ପୀଠ। ପୀଠର ଐତିହ୍ୟପୂର୍ଣ୍ଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ପରିବେଶ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ବିଶେଷକରି ମହାଶିବରାତ୍ରି ଓ କାର୍ତ୍ତିକ ପୂର୍ଣ୍ଣିମାରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ ଜମିଥାଏ। ବଡସାହି, ବେତନଟୀ ଓ ବୈଶିଙ୍ଗାଠାରୁ ଯଥାକ୍ରମେ ୧୨କିମି ଦୂରରେ ଅବସ୍ଥିତ ଏହି ପୀଠକୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଆବଶ୍ୟକ ସୁବିଧା ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ୨୦୦୭ରୁ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିଲେ ସୁଦ୍ଧା ଉନ୍ନତୀକରଣ ପାଇଁ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉ ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ହେଉନି।

୩ ମାଣ ଜମି ଉପରେ ଅବସ୍ଥିତ ମନ୍ଦିରକୁ ଲାଗି ରହିଛି ଗଙ୍ଗାହାର ନଦୀର ଅଂଶ ଏକ ଜଳାଶୟ(କୁଣ୍ଡି)। କୁଣ୍ଡି ସଂଲଗ୍ନ କଖାରୁ ଗଛ ମୂଳରୁ ମିଳିଥିବା ଶିବଲିଙ୍ଗକୁ ୧୪୦୦ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଦେଶର



ବାବା କଖାରୁଆ ବୈଦ୍ୟନାଥ ଶୈବ ପୀଠ

ଗଜପତି ବଂଶର ରାଜା ଏହି ମନ୍ଦିର ନିର୍ମାଣ କରିଥିଲେ । ଚତୁଃପାର୍ଶ୍ୱରେ ଗଡ ପରିକ୍ରମା ବେଢା ସାଙ୍ଗକୁ ଉଚ୍ଚ ବାଦ୍ୟ ଗୃହ ନିର୍ମାଣ ମଧ୍ୟଯୁଗୀୟ ଚିନ୍ତାଧାରାର କଳାକୃତି ଦେଖିବାକୁ ମିଳେ। ମନ୍ଦିରର ଉଚ୍ଚତା ୬୩ ଫୁଟ ୬ ଇଞ୍ଚ ଥିବା ବେଳେ ଏଥିରେ ଅଷ୍ଟଦଳ ପଦ୍ମଯୁକ୍ତ ସୂର୍ଯ୍ୟ ମଣ୍ଡଳ ଓ କୋଣାର୍କ ମନ୍ଦିର ଶୈଳୀରେ ସୂର୍ଯ୍ୟନାରାୟଣଙ୍କ ବିଗ୍ରହ ବିଦ୍ୟମାନ । କଳାପାହାଡ ଆକ୍ରମଣର ଚିହ୍ନ ମନ୍ଦିରରେ ଥିବା ଭଗ୍ନ ମୂର୍ତ୍ତି ଓ ସୁରକ୍ଷା ପଦ୍ଧତିରୁ ଜଣାପଡେ। ମନ୍ଦିରର ରକ୍ଷଣାବେକ୍ଷଣ, ପରିଚାଳନା, ପୂଜାନୀତି

■ ଭକ୍ତଙ୍କୁ ମିଳୁନି ପିଇବା ପାଣି
■ ମନ୍ଦିର ଯିବା ରାସ୍ତାରେ ଡ୍ରେନ୍ ପାଣି

ଓ ପର୍ବପର୍ବାଣି ପାଇଁ ତତ୍କାଳୀନ ମୟୂରଭଞ୍ଜ ରାଜା ୧୩ ଶହ ଏକର ଜମି ଜାଗିରି ଭାବେ ଖଞ୍ଜି ୭୪ଜଣ ସେବାୟତଙ୍କୁ ନିଯୁକ୍ତ କରିଛନ୍ତି। ୧୨ମାସରେ ୩୧ପର୍ବ ପାଳିତ ହେଉଥିବାରୁ ଏହି ପୀଠ ଚଳଚଞ୍ଚଳ ହୋଇ ଉଠେ । ପ୍ରତି ବର୍ଷ ଶିବରାତ୍ରି ମେଳାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବା ବେଳେ ୧୫ ଦିନ ଧରି ବେଶ୍ ଜାକଜମକରେ ମେଳା ଚାଲିଥାଏ । ବର୍ଷ ସାରା ଦୂର ଦୂରାନ୍ତରୁ ବହୁ ପର୍ଯ୍ୟଟକ ଏହି ମନ୍ଦିରକୁ ବୁଲିବାକୁ ଆସନ୍ତି । ମନ୍ଦିରକୁ ଘେରି ରହିଥିବା ୧୫ଫୁଟ ଉଚ୍ଚତାର ବେଢା ଚାରିପଟେ ଭକ୍ତମାନେ ବୁଲି ମନ୍ଦିର ଚତୁଃପାର୍ଶ୍ୱର ପ୍ରାକୃତିକ ପରିବେଶକୁ ଉପଭୋଗ କରିଥାନ୍ତି। ପିକନିକ୍ ଋତୁରେ ଲୋକମାନେ ଏହି ପୀଠକୁ ଆସି ଦେବ ଦର୍ଶନ କରିବା ସହ ମନ୍ଦିରକୁ ଲାଗି ରହିଥିବା ଆମ୍ବ ବଗିଚା ଓ କୁଣ୍ଡିରେ ପିକନିକ୍‌ର ମଜା ନେଇଥାନ୍ତି। ମାନସିକ ପୂରଣ ପାଇଁ ଦୂରରୁ ଆସୁଥିବା ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମନ୍ଦିର ପରିସରରେ ମାତ୍ର ୨ଟି ନଳକୂଅ ରହିଛି । ଏଥିରୁ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ମିଳୁ ନ ଥିବାରୁ ଜଳ ସଙ୍କଟ ବଢିଥାଏ । ମାଣଡ୍ରୀ ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନର ବ୍ୟବସ୍ଥା ହୋଇ ନ ଥିବାରୁ ରାସ୍ତା ଉପରେ ନର୍ଦ୍ଦମା ପାଣିର ସୁଅ ଛୁଟିଥାଏ । ସେହିପରି ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟର ବ୍ୟବସ୍ଥା, ଡ୍ରେନେଜ ବ୍ୟବସ୍ଥା ସହିତ ଆମ୍ବ ବଗିଚାକୁ ସ୍ୱତନ୍ତ୍ର ପାର୍କ ତିଆରି କରିବା ପାଇଁ ଜିଲାପାଳ ଦୃଷ୍ଟି ଦେବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇ ଆସୁଛି । କୁଣ୍ଡିରେ ଉଭୟ ପାର୍ଶ୍ୱକୁ ପଥର ପ୍ୟାକିଂ କରି ବୋଟିଂ ବ୍ୟବସ୍ଥା ସହିତ ଏକ ଝୁଲା ପୋଲର ନିର୍ମାଣ ହୋଇ ପାରିଲେ କୁଣ୍ଡିର ଅପରପାର୍ଶ୍ୱକୁ ଯିବାଆସିବା କରିବା ସହିତ ପାରିପାର୍ଶ୍ୱିକ ଶୋଭାକୁ ପର୍ଯ୍ୟଟକମାନେ ଉପଭୋଗ କରିପାରନ୍ତେ । ବଡସାହି, ବେତନଟୀ, ବୈଶିଙ୍ଗା ଓ ମାଣଡ୍ରୀ ଛକରେ ସ୍ଥାୟୀ ସ୍ୱାଗତ ତୋରଣ ନିର୍ମାଣ କରିବା ସହିତ ମନ୍ଦିର ପରିସରରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କଲେ ଭକ୍ତଙ୍କ ଭିଡ ଲାଗି ରହିବ ବୋଲି ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ସେହିପରି ପୀଠର ପାରିପାର୍ଶ୍ୱିକ ଉନ୍ନତି ହେବା ସହ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା କରାଗଲେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଆନ୍ତା । ଏଥିପ୍ରତି ଦୃଷ୍ଟି ଦେଇ ଦେବୋତ୍ତର ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

